By Gumm 6.

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା,
## (ଜରୁରୀ କାଳୀନ ଶାଖା)

**ବିଜ୍ଞାପନ ପତ୍ର ସଂଖ୍ୟା :-** 589 **ତା-** ୯-୫-2022

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୨୨ ମସିହା ରେ ବନ୍ୟା ସମୟରେ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ ପାଇଁ ୪୯ (ଅଣଚାଶ) ଗୋଟି ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ୪୩ (ତେୟାଳିଶ୍) ଗୋଟି ଅସ୍ଥାୟୀ ଖଲାସୀ ସ୍ଥାନ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ କରାହେବ । ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ଏବଂ ନିଯୁକ୍ତି ଦିନ ଠାରୁ ୩୦.୧୧.୨୦୨୨ ପର୍ଯ୍ୟନ୍ତ ବୈଧ ଅଟେ । ନିଯୁକ୍ତି ନିମନ୍ତେ ଚୟନିତ ପ୍ରାର୍ଥୀ ଙ୍କୁ, ଯଥା କ୍ରମେ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପାଇଁ ଟ. ୧୧୧୦୦ /- (ଏଗାର ହଜାର ଏକ ଶହ ) ଓ ଅସ୍ଥାୟୀ ଖଲାସୀ ଙ୍କ ପାଇଁ ଟ. ୧୦୧୦୦/- (ଦଶ ହଜାର ଏକ ଶହ ) ଟଙ୍କା ସର୍ବମୋଟ୍ ମାସିକ ପାରିଶ୍ରମିକ ଭାବେ ପ୍ରଦାନ କରାଯିବ। ଉକ୍ତ ପଦବୀ ମାନଙ୍କରେ ନିଯୁକ୍ତ ବ୍ୟକ୍ତିଙ୍କୁ ଉପରୋକ୍ତ ପାରିଶ୍ରମିକ ବ୍ୟତୀତ ମହଙ୍ଗା ଭତ୍ତା କିମ୍ବା ଅନ୍ୟ କୌଣସି ଭତ୍ତା ଦିଆଯିବ ନାହିଁ ।

୧) ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଅସ୍ଥାୟୀ ବୋଟ ଖଲାସୀ ପଦବୀ ରେ ନିଯୁକ୍ତି ପାଇଁ ଆଶାୟୀ ପ୍ରାର୍ଥୀମାନେ ସପ୍ତମ ଶ୍ରେଣୀ ପାସ କରିଥିବେ ଏବଂ ବୟସ ତା ୦୧-୦୭-୨୦୨୨ ରିଖ ସୁଧା ୧୮ ବର୍ଷରୁ ୫୫ ବର୍ଷ ମଧ୍ୟରେ ହୋଇଥିବ ।

୨) ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପାଇଁ ଇଚ୍ଛୁକ ପ୍ରାର୍ଥୀ ମାନଙ୍କର ଅନ୍ୟୁନ ଦ୍ୱିତୀୟ ଶ୍ରେଣୀ ଲଞ୍ଚ ଡ୍ରାଇଭିଙ୍ଗ ପ୍ରମାଣପତ୍ର ଥିବା ଆବଶ୍ୟକ ।

୩) ଅବେଦନ କରିଥିବା ପଦବୀରେ ଷ୍ଟେଟ ପୋର୍ଟ ଇଞ୍ଜିନିୟରିଂ ସଂସ୍ଥାରେ ପୂର୍ବରୁ କାର୍ଯ୍ୟ କରିଥିବା ଅଭିଜ୍ଞତା ସଂପନ୍ନ ପ୍ରାର୍ଥୀମାନଙ୍କୁ ଚୟନ ରେ ପ୍ରାଧାନ୍ୟ ଦିଆଯିବ । ଏଥିପାଇଁ ପୂର୍ବରୁ କାର୍ଯ୍ୟ ଅଭିଜ୍ଞତା ଥିବା ସମସ୍ତ ଅବେଦନକାରୀ, ଅବେଦନ ପତ୍ର ସହିତ ପୂର୍ବ ନିଯୁକ୍ତି ପତ୍ର/ଆଦେଶ ସଂଲଗ୍ନ କରିବେ ।

୪) ସମସ୍ତ ପ୍ରାର୍ଥୀ ମାନଙ୍କର ୨୦ (କୋଡିଏ) ମିନିଟ୍ ଲଗାତର ନଦୀରେ, କେନାଲରେ କିମ୍ବା ଯେ କୌଣସି ଜଳ ଉତ୍ସରେ ୨୦୦ ମିଟର୍ ପର୍ଯ୍ୟନ୍ତ ପହଁରିବାର ଦକ୍ଷତା ଥିବା ଅବଶ୍ୟକ। ଏଥି ନିମନ୍ତେ ସବୁ ପ୍ରାର୍ଥୀ ଅବେଦନ ପତ୍ର ସହିତ ଏକ ଘୋଷଣାନାମା ଦେବେ, ଯେଉଁଥିରେ ଉଲ୍ଲେଖ କରିବେ ଯେ ସେମାନେ ୨୦ ମିନିଟ ଲଗାତର ନଦୀରେ, କେନାଲରେ କିମ୍ବା ଯେ କୌଣସି ଜଳ ଉତ୍ସରେ ୨୦୦ ମିଟର୍ ପର୍ଯ୍ୟନ୍ତ ପହଁରି ପାରିବେ ଏବଂ କୌଣସି ଦୁର୍ଘଟଣାହେଲେ ନିଜେ ଦାୟୀ ରହିବେ ।

୫) ଷ୍ଟେଟ ପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କ ଦ୍ୱାରା ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା, ସନ୍ତରଣ ପରୀକ୍ଷା କରାଯିବ, ଏବଂ ଉକ୍ତ ସନ୍ତରଣ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ମାନେ ହି ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଏବଂ ଅସ୍ଥାୟୀ ବୋଟ ଖଲାସୀ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ।

୬) ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପଦବୀ ପାଇଁ ଆଶାୟୀ ପ୍ରାର୍ଥୀ ମାନଙ୍କ ପାଇଁ ଷ୍ଟେଟ ପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କ ଦ୍ୱାରା ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା ବୈଷୟିକ ପରୀକ୍ଷା କରାଯିବ ଏବଂ ଉକ୍ତ ବୈଷୟିକ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ମାନେ ହି ଅସ୍ଥାୟୀ ଲଞ୍ଚ ଡ୍ରାଇଭର ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ।

୭) ନିଯୁକ୍ତି ନିମନ୍ତେ ଚୟନ ହୋଇଥିବା ସମସ୍ତ ପ୍ରାର୍ଥୀ ପଦବୀ ରେ ଯୋଗଦାନ କରିବା ପୂର୍ବରୁ ସରକାରୀ ଡାକ୍ତରଙ୍କ ଠାରୁ ସୁସ୍ଥତା ପ୍ରମାଣପତ୍ର ଦାଖଲ କରିବେ। ପଦବୀ ରେ ଯୋଗଦାନ କରିବା ପୂର୍ବରୁ ଯେ କୌଣସି ସମୟ ରେ ଯଦି ଚୟନିତ ପ୍ରାର୍ଥୀ ସୁସ୍ଥତା ପ୍ରମାଣପତ୍ର ଦାଖଲ୍ କରିବା ପାଇଁ ବିଫଳ ହେବେ ତେବେ ପ୍ରାର୍ଥୀ ପତ୍ର ନାକଚ୍ କରାଯିବ ।

ନିଯୁକ୍ତି ପାଇଁ ଇଚ୍ଛୁକ ପ୍ରାର୍ଥୀ ଆଶାୟୀ ପଦବୀ ପାଇଁ ଉପରଲିଖିତ ପ୍ରମାଣପତ୍ର ଗୁଡିକର ନକଲ ସହ ଘୋଷଣାନାମା ଏବଂ ଦରଖାସ୍ତ ତା. ୧୭.୦୫.୨୦୨୨ ରିଖ ଅପରାହ୍ଣ ୧.୦୦ ଘଟିକା ସୁଦ୍ଧା ରେଜିଷ୍ଟରଡ୍ ଅବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ, "ଜିଲ୍ଲାପାଳ, କେନ୍ଦ୍ରାପଡା" ଙ୍କ ଉଦ୍ଦେଶ୍ୟରେ "ଜିଲ୍ଲା ଜରୁରୀକାଳୀନ ବିଭାଗ, ଗରାପୁର ଛକ, କେନ୍ଦ୍ରାପଡା" ଠିକଣା ରେ ପ୍ରେରଣ କରିବେ । ଏହି ସମୟ ସୀମା ବାଦ୍ ହସ୍ତଗତ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଗୁଡିକର ଅବେଦନକାରୀ ମାନଙ୍କ ନିମନ୍ତେ, ମାର୍ଶାଘାଇ ଲଂଚ୍ ଘାଟଠାରେ ତା. ୨୦.୦୫.୨୦୨୨ ରିଖ ରେ ବୈଷୟିକ ପରୀକ୍ଷା ଓ ସନ୍ତରଣ ପରୀକ୍ଷା ଅନୁଷ୍ଠିତ କରାଯିବ । ଉପରୋକ୍ତ ପରୀକ୍ଷା ରେ ଭାଗ ନେଇଥିବା ସମସ୍ତ ଅବେଦନକାରୀ ମାନଙ୍କର ତା. ୨୧.୦୫.୨୦୨୨ ରିଖରେ ସାକ୍ଷାତକାର ଓ ପ୍ରମାଣପତ୍ର ତନଖି କାର୍ଯ୍ୟ ଜିଲ୍ଲା ଅପଦକାଳୀନ ପରିଚାଳନା କେନ୍ଦ୍ର ଗରାପୁର ଠାରେ ପୂର୍ବାହ୍ଣ ୦୯ ଘଟିକା ସମୟରେ ଅନୁଷ୍ଠିତ ହେବ ।

( 2 )

ନିଯୁକ୍ତି ପ୍ରକ୍ରିୟା ର ବିଭିନ୍ନ ଚରଣ, ଉପରୋକ୍ତ ସମୟ ଏବଂ ସ୍ଥାନ ରେ ଅନୁଷ୍ଠିତ ହେବ ଏବଂ ଏଥି ନିମନ୍ତେ କୌଣସି ସ୍ୱତନ୍ତ୍ର ଅବଗତି ଦିଆଯିବ ନାହିଁ । ଏଥିରେ ଯଦି କୌଣସି ପରିବର୍ତ୍ତନ ଘଟେ ତେବେ ଅଗ୍ରୀମ ସୁଚନା ସାଧାରଣ ବିଜ୍ଞପ୍ତି ମାଧମ ରେ ଜଣାଇ ଦିଆଯିବ ।

. ଏହି ନିଯୁକ୍ତି ସମ୍ବନ୍ଧିତ ସମସ୍ତ ସୁଚନା www.kendrapara.nic.in ରେ ଉପଲବ୍ଧ ।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା 590 /ତା 9-5-22

ଏହାର ଏକକିତା ନକଲ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ଅତିରିକ୍ତ ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା 591 /ତା 9-5-22

ଏହାର ଏକକିତା ନକଲ ସମସ୍ତ ତହସିଲଦାର/ ମଣ୍ଡଳ ଉନ୍ନୟନ ଅଧିକାରୀ/ନିର୍ବାହୀ ଅଧିକାରୀ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାଙ୍କୁ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବାପାଇଁ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା 592 /ତା 9-5-22

ଏହାର ନକଲ ଷ୍ଟେଟ ପୋର୍ଟ ଇଞ୍ଜିନିୟର, ଓଡ଼ିଶାଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଗଲା । ବୈଷୟିକ ପରୀକ୍ଷା ଓ ସାକ୍ଷାତକାର ପରୀକ୍ଷା ସମୟରେ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ନିଜେ କିମ୍ବା ନିଜର କ୍ଷମତା ପ୍ରାପ୍ତ ଅଧିକାରୀ ଉପସ୍ଥିତ ରହିବାପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା 593 /ତା 9-5-22

ଏହାର ନକଲ ସ୍ୱତନ୍ତ୍ର ରିଲିଫ୍ କମିଶନର, ଓଡ଼ିଶାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା 594 /ତା 9-5-22

ଏହାର ନକଲ ଡି.ଆଇ.ଓ., ଏନ୍.ଆଇ.ସି. କେନ୍ଦ୍ରାପଡ଼ାଙ୍କୁ ପ୍ରରଣ କରାଯାଇ ଅନୁରୋଧ କରାଗଲା ଯେ, ସେ ଉକ୍ତ ନୋଟିସ୍‌କୁ www.kendrapara.nic.in ରେ ସର୍ବସାଧାରଣଙ୍କ ଜ୍ଞାତସାର ନିମନ୍ତେ ପ୍ରକାଶନ କରିବେ ।

ଅତିରିକ୍ତ ଜିଲ୍ଲାପାଳ,କେନ୍ଦ୍ରାପଡ଼ା

**********